■ ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ

# ୮୦.୮୨ ପ୍ରତିଶତ ପରିଗଣନା ଫର୍ମ ଯାଞ୍ଚ




**ଛତ୍ରପୁର,୨୦।୬(ସମିସ):** ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଚାଲିଛି। ସମସ୍ତ ବିଏଲଓଙ୍କୁ ଘରକୁ ଘର ଯାଇ ଯାଞ୍ଚ କରିବା ସହ ପୂର୍ବରୁ କୌଣସି କାରଣ ବଶତଃ ଅନ୍ତର୍ଭୁକ୍ତ ହୋଇପାରିନଥିବା ଯୋଗ୍ୟ ଭୋଟରମାନଙ୍କ ନାମ ପୁନଃ ଅନ୍ତର୍ଭୁକ୍ତି ପାଇଁ ଫର୍ମ-୬ ସଂଗ୍ରହ କରିବାକୁ ବିଏଲଓମାନଙ୍କୁ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲ୍ଲାର ବିଏଲଓମାନଙ୍କ ନିଷ୍ଠାପର ଉଦ୍ୟମ ଫଳରେ ୨୦ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି। ଜିଲ୍ଲାର ପ୍ରାୟ ଶତପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଞ୍ଚିସାରିଛି । ଜିଲ୍ଲାରେ ୨୪,୨୪,୯୯୦ଟି ଫର୍ମର ଡିଜିଟାଇଜେସନ ସରିସାରିଛି ଯାହା ୮୦.୮୪ ପ୍ରତିଶତ ଅଟେ। ସେହିପରି ୨୪,୨୪,୪୫୭ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ଯାଞ୍ଚ କରାଯାଇସାରିଛି, ଯାହା ୮୦.୮୨ ପ୍ରତିଶତ ଅଟେ । ଜିଲ୍ଲାର ୮ଜଣ ବିଏଲଓ ଶତପ୍ରତିଶତ ଡିଜିଟାଇଜେସନ କରିସାରିଛନ୍ତି । ସେମାନଙ୍କ କାର୍ଯ୍ୟକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଉଚ୍ଚ ପ୍ରଶଂସା କରିଛନ୍ତି। ଫର୍ମ ବଣ୍ଟନ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଡିଜିଟାଇଜେସନ ଏବଂ ଯାଞ୍ଚ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ସମ୍ପୃକ୍ତ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହା ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ତରବରିଆ ଭାବରେ ନ କରି ସ୍ୱଚ୍ଛ, ନିରପେକ୍ଷ ଓ ନିର୍ଭୁଲ ଭାବରେ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଜନସାଧାରଣଙ୍କୁ ଅନୁରୋଧ, କୌଣସି ପ୍ରକାରର ଭ୍ରାନ୍ତିକର ସୂଚନାରେ ବିଭ୍ରାନ୍ତ ନହୋଇ ନିର୍ବାଚନ ସମ୍ପର୍କିତ ତଥ୍ୟ ପାଇଁ କେବଳ ଅଧିକୃତ ସୂଚନା ଉପରେ ଭରସା କରନ୍ତୁ।

୧୦୭ କୋଟିର ମେଗା ଜଳପ୍ରକଳ୍ପ ପ୍ରହସନ

# ଦୁଇ ଦୁଇଥର ଅବଧି ପରେ ସରୁନି କାମ




**ବାଲିଗୁଡ଼ା, ୨୦।୬(ସମିସ):**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ମେଗା ଜଳ ପ୍ରକଳ୍ପ ବର୍ତ୍ତମାନ ଏକ ପ୍ରହସନ ପାଲଟିଥିବା କହିଛନ୍ତି ଅଞ୍ଚଳବାସୀ। ଦୀର୍ଘ ପାଞ୍ଚ ବର୍ଷ ହେବ ଜଳ ପ୍ରକଳ୍ପ କାର୍ଯ୍ୟ ସରୁ ନଥିବା ହେତୁ ଟୋପାଏ ବିଶୁଦ୍ଧ ଜଳ ପାଇବା ଆଶା ଆଶାରେ ହିଁ ରହିଯାଇଛି। ସୂଚନା ଅନୁସାରେ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପୂର୍ବ ସରକାର ଏହି ମେଗା ଜଳ ପ୍ରକଳ୍ପ ପାଇଁ୧୦୭ କୋଟି ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଯାହାର କାର୍ଯ୍ୟାଦେଶ ୨୦୨୧ ମାର୍ଚ୍ଚ ଠାରୁ ୨୦୨୩ ମାର୍ଚ୍ଚ ଭିତରେ ଶେଷ ହେବାର ଥିଲା। କିନ୍ତୁ ସରକାରଙ୍କ କିଛି ବିଭାଗ ର ବିଭାଗୀୟ ସ୍ୱଚ୍ଛଳତା ବିଳମ୍ବ ଯୋଗୁଁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଅବଧି ବଢାଯାଇଥିଲା। ହେଲେ ବର୍ତ୍ତମାନ ୨୦୨୬ ମାର୍ଚ୍ଚ ସମାପ୍ତ ହୋଇଗଲାଣି କିନ୍ତୁ ମେଗା ପ୍ରକଳ୍ପ ବାଟବଣା ହୋଇଯାଇଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ସିନ୍ଧ୍ରୀଗାଁ। ପଞ୍ଚାୟତର କିଲାରଘାଟ ରେ ନିର୍ମିତ ହେଉଥିବା ଜଳ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି। ଆହୁରି ମଧ୍ୟ ଜଳ ଉତ୍ସ ପାଇଁ ଯେତିକି ନିର୍ଦ୍ଦିଷ୍ଟ ନକ୍ସା ଅନୁସାରେ ଭୂତଳକୁ ଯିବା କଥା ସେଇ ପରିମାଣରେ କାର୍ଯ୍ୟ ହୋଇ ନଥିବା ବେଳେ ଦୁଇ ମିଟର ଉପରେ ପାଣି ଉତ୍ସ ଥିବାରୁ ବିଫଳ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ପୁଣି ଚଳିତ ବର୍ଷ ଖଡ଼ଗ ନଦୀରେ ପାଣି ନାହିଁ ତେବେ କିଭଳି ଏଇ ପାନୀୟ ଜଳ ପ୍ରକଳ୍ପ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ଭବ ହୋଇ ପାରିବ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏତେ ବଡ଼ ପ୍ରକଳ୍ପ କୁ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ଜିଲ୍ଲା ପ୍ରଶାସନ କି ସ୍ଥାନୀୟ ପ୍ରଶାସନ ଏହା ଉପରେ କାହିଁକି ଦୃଷ୍ଟି ଦେଉନାହାନ୍ତି ବୋଲି ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି। କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ୍ ଗ୍ରାମାଞ୍ଚଳରେ ଲୋକେ କିଭଳି ଯଥାଶୀଘ୍ର ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ତାହା ସାଧାରଣରେ ଦାବି ହେଉଛି।

# ହଷ୍ଟେଲରେ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ରଙ୍ଗେଇଲୁଣ୍ଡା,୨୦।୬(ସମିସ):** ବ୍ରହ୍ମପୁର ମହାନଗର ଉପକଣ୍ଠ ଗୋଳନ୍ଥରାସ୍ଥିତ ଗାନ୍ଧୀ କଲେଜର ହଷ୍ଟେଲରେ ବିସିଏ ଦ୍ୱିତୀୟ ବର୍ଷ ଛାତ୍ରୀ ପଙ୍ଖାରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ଜଣକ ବୁଗୁଡ଼ା ଥାନା ଅଧିନସ୍ଥ ଘୋଡାପଡା ଗ୍ରାମର ସ୍ମୃତି ଭୋଳ (୨୦) ବୋଲି ସୂଚନା ମିଳିଛି। ସୂଚନାନୁସାରେ ଏହି ଥାନା ଅନ୍ତର୍ଗତ ଗୋଳନ୍ଥରା ସ୍ଥିତ ଗାନ୍ଧୀ କଲେଜରେ ସ୍ମୃତି ବିସିଏ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ ସେ କଲେଜ ହଷ୍ଟେଲରେ ସାନ ଭଉଣୀଙ୍କ ସହିତ ୫ ଜଣ ସାଙ୍ଗ ହୋଇ ରହୁଥିଲେ। ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତେ ପାଠ ପଢୁଥିଲେ। ସକାଳେ ତାଙ୍କ ସାନ ଭଉଣୀ ଉଠିଲା ବେଳେ ପାର୍ଶ୍ୱରେ ଥିବା ଏକ ରୁମରେ ସ୍ମୃତି ଏକ ସିଲିଂ ଫ୍ୟାନରେ ଏକ ଲୁଗା ଲଗାଇ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସହପାଠୀ ଓ କଲେଜ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳକୁ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ ଓ ଗୋଳନ୍ଥରା ଥାନା ଆଇଆଇସି ଟୁନା ସାସମଲ ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ ସାଇଣ୍ଟିଫିକ୍ ଟିମ ମଧ୍ୟ କିଛି ନମୁନା ସଂଗ୍ରହ କରିଛି। ପୋଲିସ ଛାତ୍ରୀ ଲେପଟେପ୍ ଓ ମୋବାଇଲ ଜବତ କରିଛି ଅନ୍ୟପଟେ ଛାତ୍ରୀଙ୍କ ମାମୁ ମଙ୍ଗୁଲୁ ପ୍ରଧାନ ଭାଣିଜୀ ଜଣେ ଯୁବକଙ୍କୁ ଭଲ ପାଉଥିଲେ ଯାହାଦ୍ୱାରା ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦିଆ ଯାଉଥିଲା। ଫଳରେ ସ୍ମୃତି ଆତ୍ମହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନା କେଶ ନଂ ୨୨୬/୨୬ ପ୍ରକାରେ ମାମଲା ରୁଜୁ କରି ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସାସମଲ ସୂଚନା ଦେଇଛନ୍ତି।

# ଆଙ୍କୁଲିରେ ମାଗଣା ଅଟୋ ଆମ୍ବୁଲାନ୍ସର ଶୁଭାରମ୍ଭ



**ପାତ୍ରପୁର,୨୦।୬(ସମିସ):** ପାତ୍ରପୁର ବ୍ଲକ ଉପାନ୍ତ ପହାଡ ଦୁର୍ଗମ ଅଞ୍ଚଳରେ ରହୁଥିବା ଗର୍ଭବତୀ ମାଆ ଏବଂ ଏକ ବର୍ଷରୁ କମ୍ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ପାତ୍ରପୁର ବ୍ଲକର ଆଙ୍କୁଲି ପରି ଏକ ଦୁର୍ଗମ ଅଞ୍ଚଳରେ ଆୟୋଜିତ 'ବ୍ଲକ ସ୍ତରୀୟ ନିରୀକ୍ଷଣ ସାଥୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଚିକିଟିର ଲୋକପ୍ରିୟ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ "ମାଗଣା ଅଟୋ ଆମ୍ବୁଲାନ୍ସ" ସେବାର ଶୁଭ ଉଦ୍ଘାଟନ କରିଛନ୍ତି। ରାସ୍ତାଘାଟ ସମସ୍ୟା ଥିବା ଆଭ୍ୟନ୍ତରୀଣ ପାହାଡ଼ ଇଲାକାରେ ଜରୁରୀକାଳୀନ ସମୟରେ ଗର୍ଭବତୀ ମହିଳା ଏବଂ ଶିଶୁମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଏହି ଅଟୋ ଆମ୍ବୁଲାନ୍ସ ବେଶ ସହାୟକ ହେବ। କାର୍ଯ୍ୟକ୍ରମରେ ଗର୍ଭବତୀ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଯତ୍ନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଧାୟକ ଶ୍ରୀ ଦ୍ୟାନ ସାମନ୍ତରା କହିଛନ୍ତି ଯେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ବ୍ୟକ୍ତି ଯେପରି ଅବହେଳିତ ନହୁଅନ୍ତି, ତାହାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ମାଗଣା ଅଟୋ ଆମ୍ବୁଲାନ୍ସ ସେବା ସ୍ଥାନୀୟ ଅଧିବାସୀଙ୍କ ପାଇଁ ଏକ ବଡ଼ ସହାୟତା ହେବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହି ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଯେଉଁଠି ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ସେହି ଯାଗାରେ ଏହି ମାଗଣା ଅଟୋ ଆମ୍ବୁଲାନ୍ସ ସେବା ସ୍ଥାନୀୟ ଅଧିବାସୀଙ୍କ ପାଇଁ ବରଦାନ ସଦୃଶ୍ୟ କାମ କରିବ ବୋଲି ପାହାଡିଆ ଅଞ୍ଚଳର ଆଦିବାସୀମାନେ ମତ ପ୍ରକାଶ କରିବା ସହିତ ଜିଲ୍ଲା ପ୍ରଶାସନ ବ୍ଲକ ପ୍ରଶାସନ ଏବଂ ମାନ୍ୟବର ବିଧାୟକଙ୍କୁ ମଧ୍ୟ ଭୁରିଭୁରି ପ୍ରଶଂସା କରିଛନ୍ତି। ଏହି ସେବାରେ ୧୭ ଗୋଟି ଅଟୋ ସାମିଲ ହୋଇଥିବା ପାତ୍ରପୁର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସମ୍ବିତ ବେଗରାୟ ପ୍ରକାଶ କରିଛନ୍ତି। ଏହି ସେବା ଦ୍ୱାରା ପାତ୍ରପୁର ବ୍ଲକର ଦୁର୍ଗମ ପାହାଡ଼ିଆ ପଞ୍ଚାୟତ ତଥା, ତୁମ୍ବା ଆଙ୍କୁଲି, ବୁରାତାଲ, ମନ୍ଦରଡା, ତୁରୁବୁଡି, ଏବଂ ସୁରଙ୍ଗିର ବହୁ ସଂଖ୍ୟକ ଆଦିବାସୀ ଉପକୃତ ହେଇପାରିବେ ବୋଲି ମାନ୍ୟବର ବିଧାୟକ ମତ ପ୍ରକାଶ କରିଛନ୍ତି। ତତ ସହିତ ଗତକାଲି ଆଙ୍କୁଲି ପଞ୍ଚାୟତ ଧାନବାଡ ଗ୍ରାମର ମୃତ ଦାଦନ ଶ୍ରମିକ ପ୍ରଫୁଲ୍ଲ ବଡମୁଣ୍ଡିଙ୍କ ବାସଭବନରେ ପହଞ୍ଚି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯଥଶକ୍ତି ସହାୟତାର ହାତ ବଢାଇଥିବା ଦେଖିବାକୁ ମିଳିଥିଲା।

# ଚଳନ୍ତା ଅଟୋରେ ପ୍ରସବ

**ମାଲକାନଗିରି, ୨୦।୬(ସମିସ):** ମାଲକାନଗିରି ଜିଲ୍ଲା ମାଦ୍ଦାପାଲି ପଞ୍ଚାୟତର ଡୁଡ଼ିମେଟଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ଚଳନ୍ତା ଅଟୋରେ ଜଣେ ଗର୍ଭବତୀ ମହିଳା ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି।



ସୂଚନା ଅନୁସାରେ, ଡୁଡ଼ିମେଟଲା ଗ୍ରାମର ଈର୍ମା ନାମକ ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କର ପ୍ରସବ ବେଦନା ଆରମ୍ଭ ହେବା ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସେବାକୁ ବାରମ୍ବାର ଯୋଗାଯୋଗ କରିଥିଲେ। ତେବେ କୌଣସି ସହାୟତା ନ ମିଳିବାରୁ ସେମାନେ ନିକଟସ୍ଥ ଗ୍ରାମର ସୁଜନ ବାରୋଇ ନାମକ ଜଣେ ଅଟୋ ଚାଳକଙ୍କ ସହ ଯୋଗାଯୋଗ କରି ଗର୍ଭବତୀ ମହିଳାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ବାହାରିଥିଲେ। ତେବେ ଅଟୋଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପହଞ୍ଚୁଥିବା ବେଳେ ମହିଳାଙ୍କର ପ୍ରସବ ବେଦନା ଅଧିକ ବଢ଼ିଯାଇଥିଲା। ହଠାତ୍ ସେ ଚିତ୍କାର କରି ଉଠିଥିଲେ ଏବଂ ଚଳନ୍ତା ଅଟୋ ଭିତରେ ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିଲେ। ପରେ ମା' ଓ ନବଜାତଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ପ୍ରାଥମିକ ଚିକିତ୍ସା ଓ ପରୀକ୍ଷା ପରେ ମା' ଓ ଶିଶୁ ଉଭୟ ସୁସ୍ଥ ଥିବା ସୂଚନା ଦେଇଛନ୍ତି।

# ରକ୍ତଦାନ ଶିବିରରୁ ୧୦୧ ୟୁନିଟ୍ ସଗ୍ରହ



**ବ୍ରହ୍ମପୁର,୨୦।୬(ସମିସ):** ହାତୀବନ୍ଧ ସାହି ନିକଟ ରାମକୃଷ୍ଣନଗର ୩ୟ ଲାଇନରେ ବିପଦର ବନ୍ଧୁ ଓଡିଶା ସହଯୋଗରେ ସମାଜସେବୀ ସ୍ୱର୍ଗତ କାଶୀନାଥ ପଶୁପାଳକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରବିନାରାୟଣ ପଶୁପାଳକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରୁ ୧୦୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏମକେସିଜି ମେଡିକାଲ ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୁଣାର ପ୍ରତିଷ୍ଠାତା ଲୋକନାଥ ମିଶ୍ର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଜା ପ୍ରସାଦ ପାତ୍ର, ରାଜେଶ କୁମାର ପଶୁପାଳକ, କୃଷ୍ଣ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସମାଜସେବୀ ତ୍ରିଲୋଚନ ଦାସଙ୍କ ପରଲୋକ

**ବ୍ରହ୍ମପୁର,୨୦।୬(ସମିସ):** ଲୋଚପଡା ଗ୍ରାମ ନିବାସୀ ତଥା ସମାଜସେବୀ କେ. ତ୍ରିଲୋଚନ ଦାସ(୮୭)ଙ୍କ ଶନିବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଲୋଚାପଡା ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟ ସମୟରେ ତାଙ୍କର ତିନି ପୁଅ, ବୋହୂ, ଦୁଇ ଝିଅ, ଦୁଇ ଜ୍ୱାଇଁ, ନାତି ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଲୋଚପଡା ହନୁମାନ ବାଲାଜୀ ମନ୍ଦିରର ପ୍ରତିଷ୍ଠାତା ଥିବା ବେଳେ ସେ ଜଣେ ପରୋପକାରୀ ଓ ସମାଜହିତୈଷୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସାମାଜିକ, ସାଂସ୍କୃତିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟରେ ସେ ସକ୍ରିୟ ଭୂମିକା ନେଇ ଆସୁଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ରବିବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



# କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର,୨୦।୬(ସମିସ):** ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ଇଣ୍ଡିଆ ହାବିଟାଟ୍ ସେଣ୍ଟର, ନୂଆଦିଲ୍ଲୀରେ 'ସ୍ୱପ୍ନିଳ ଓଡ଼ିଶା, ଭାରତ ସ୍ମୃତିରେ' ଶୀର୍ଷକ ଏକ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଥିଲା। କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ଅବସରେର ଆୟୋଜିତ ଏହି କାର୍ଯ୍ୟକ୍ରମେର ଓଡ଼ିଶାର ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଲୋକକଳା, ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ପରମ୍ପରାର ଏକ ଅନନ୍ୟ ସମାଗମ ଦେଖିବାକୁ ମିଳିଥିଲା। କେନ୍ଦ୍ର ସଂସ୍କୃତିଓ ପର୍ଯ୍ୟଟନ ମନ୍ତ୍ରୀ ଗେଜନ୍ଦ୍ରସିଂହ ଶେଖାୱତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ ଏଭଳି ସଂଗଠନ ଓ ଉଦ୍ୟମ ଭାରତର ସମୃଦ୍ଧ ଆଞ୍ଚଳିକ ସଂସ୍କୃତି ଓ ସାହିତ୍ୟିକ ପରମ୍ପରାକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ଅମୂଲ୍ୟ ଭୂମିକା ନିଭାଉଛି। ଏ ଅବସରେର ବିଭିନ୍ନ କ୍ଷେତ୍ରେର ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପେନ୍ଦ୍ରଭଞ୍ଜଙ୍କ ରଚନାକୁ କେବଳ ଓଡ଼ିଶୀ ନୃତ୍ୟେର ସୀମିତ ନ ରଖି ଲୋକକଳା ସହ ଯୋଡ଼ି ଉପସ୍ଥାପନ କରିବା ଏହିକାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା। କଳାକେନ୍ଦ୍ରର ସମ୍ପାଦିକା, ଅନ୍ୱେଷା ବ୍ରହ୍ମା କହିଥିଲେ,



"କବିସମ୍ରାଟ ଉପେନ୍ଦ୍ରଭଞ୍ଜ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଭାରତୀୟ ସାଂସ୍କୃତିକ ଐତିହ୍ୟର ଏକ ଅମୂଲ୍ୟ ଧରୋହର। ତାଙ୍କ ସୃଷ୍ଟିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବା ଏବଂ ଶାସ୍ତ୍ରୀୟ ତଥା ଲୋକକଳା ମାଧ୍ୟମେର ତାହାକୁ ନୂତନ ରୂପରେ ଉପସ୍ଥାପନ କରିବା ଆମର ଲକ୍ଷ୍ୟ। ଶେଷେର ଉଷାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମର ୩୦୦୦ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ




**ବ୍ରହ୍ମପୁର,୨୦।୬(ସମିସ):**

ଗଞ୍ଜାମ ଜିଲ୍ଲାର ପ୍ରାୟ ୩,୦୦୦ରୁ ଉର୍ଦ୍ଧ୍ୱ ପରିବାର ମଇ ମାସରେ କୌଣସି ବିଦ୍ୟୁତ ବିଲ୍ ପୈଠ କରିନାହାଁନ୍ତି। ଯାହା ଜିଲ୍ଲାର ସୌର ଶକ୍ତିର ସଫଳତାକୁ ଦର୍ଶାଏ। ମୋଟ ୨,୯୪୩ ପରିବାର ରେକର୍ଡ ଭାବରେ ଶୂନ୍ୟ ୟୁନିଟ୍ ବିଲିଂ ପାଇଛନ୍ତି। ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଏବଂ ୟୁଟିଲିଟି ଲେଡ୍ ଆଗ୍ରିଗେସନ(ୟୁଏଲ୍ଏ) ମଡେଲ ଅଧୀନରେ ସମଗ୍ର ଜିଲ୍ଲାରେ ମୋଟ ୧୧,୧୮୭ ରୁଫ୍ ଟପ୍ ସୋଲାର ଟିପିଏସ୍ଓଡିଏଲ୍ ତରଫରୁ ସ୍ଥାପନ ହୋଇଛି। ଯାହା ଗଞ୍ଜାମ ଜିଲ୍ଲାକୁ ଓଡ଼ିଶାର ଅଗ୍ରଣୀ ସୌର ଜିଲ୍ଲା ଭାବରେ ପରିଗଣିତ କରିଛି। ଏଥିସହିତ ଓଡ଼ିଶାର ଅକ୍ଷୟ ଶକ୍ତି ପରିବର୍ତ୍ତନ ଦିଗରେ ଗଞ୍ଜାମ ଜିଲ୍ଲାର ବିଶେଷ ଯୋଗଦାନ ରହିଛି। ସମଗ୍ର ଗଞ୍ଜାମ ଜିଲ୍ଲାରେ ସୌର ଶକ୍ତିକୁ ଆପଣାଇବା କ୍ଷେତ୍ରରେ ଏହି ଯାତ୍ରା ଆହୁରି ବ୍ୟାପକ ହେବାରେ ଲାଗିଛି। ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ଗଞ୍ଜାମ ଜିଲ୍ଲାରେ ମୋଟ ୭,୦୮୫ ରୁଫ୍ ଟପ୍ ସୋଲାର ସ୍ଥାପନ ହୋଇଛି। ସେହିପରି ଟିପିଏସ୍ଓଡିଏଲ୍ ତରଫରୁ ୟୁଏଲ୍ଓ ମଡେଲ ଅଧୀନରେ ୪,୧୦୨ ସୋଲାର ପ୍ୟାନେଲ ସ୍ଥାପନ ହୋଇଛି। ୟୁଏଲ୍ଏ ମଡେଲ ମାଧ୍ୟମରେ ସୌର ପ୍ୟାନେଲ ସ୍ଥାପନ କରିବା ପ୍ରକ୍ରିୟା ଆହୁରି ସହଜ ହୋଇ ପାରିଛି। ଉପଭୋକ୍ତାଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ଏହି ଯୋଜନା ଅଧୀନରେ ଗଞ୍ଜାମ ଜିଲ୍ଲାରୁ ମୋଟ ୧୬,୭୬୦ ଆବେଦନ ଗ୍ରହଣ କରାଯାଇଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଟିପିଏସ୍ଓଡିଏଲ୍ ତରଫରୁ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ୧୬,୭୫୬ ରୁଫ୍ ଟପ୍ ସୋଲାର ସ୍ଥାପନ ହୋଇଛି। ସେହିଭଳି ୟୁଏଲ୍ଏ ମଡେଲ ଅଧୀନରେ, ଘରୋଇ ଉପଭୋକ୍ତାଙ୍କ ପାଇଁ ୧ କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ପାଇଁ ୧,୮୭୫ ଟଙ୍କାରେ ସୁବିଧା ରହିଛି। ଯାହା ଅଞ୍ଚଳରେ ସ୍ୱଚ୍ଛ ଏବଂ ସ୍ଥାୟୀ ଶକ୍ତିକୁ ଅଧିକ ପ୍ରୋତ୍ସାହିତ କରିବା ସହିତ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଛି। ଏହି ଅଭିଯାନର ସଫଳତା ଏବେ ଉପଭୋକ୍ତାଙ୍କ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ଯେଉଁମାନେ ବର୍ତ୍ତମାନ ନିଜେ ବିଦ୍ୟୁତ ଉତ୍ପାଦନ କରିବାରେ ସକ୍ଷମ ହୋଇପାରିଛନ୍ତି। ଏଥିସହିତ ବିଜୁଳି ବିଲ୍ ଖର୍ଚ୍ଚକୁ ହ୍ରାସ କରିବାରେ ସମର୍ଥ ହୋଇଛନ୍ତି। ଏ ସମ୍ପର୍କରେ ତ୍ରିଲୋଚନ ମଲ୍ଲିକ, ବେଲଗୁଣ୍ଠା, ଭଞ୍ଜନଗରର ଉପଭୋକ୍ତା କହିଛନ୍ତି, "ଟିପିଏସ୍ଓଡିଏଲର ସହଯୋଗରେ ମୁଁ ମୋର ଘରେ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ୩କିଲୋ''ାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ କରିଛି। ଏହା ଫଳରେ ପୂର୍ବରୁ ମୋର ବିଜୁଳି ବିଲ୍ ଯେତେବେଳେ ମାସିକ ୬୦୦ରୁ ୮୦୦ ଆସୁଥିଲା ଏବେ ତାହା ପୂରା ଶୂନ ହୋଇ ଯାଇଛି। ଏହା ମୋ ପରିବାର ପାଇଁ ବେଶ୍ ଉପଯୋଗୀ ହୋଇଛି। ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, "ଗଞ୍ଜାମ ଜିଲ୍ଲାରେ ପ୍ରାୟ ୩,୦୦୦ ଉପଭୋକ୍ତା ଗୋଟିଏ ମାସରେ ଜିରୋ ବିଲ୍ ପାଇବା, ସୌର ଶକ୍ତିକୁ ଆପଣାଇବାର ଏକ ବିଶେଷ ସଫଳତାକୁ ଦର୍ଶାଉଛି। ଉପଭୋକ୍ତାଙ୍କ ଉତ୍ସାହଜନକ ଆଗ୍ରହ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ମାଧ୍ୟମରେ ସ୍ୱଚ୍ଛ ଶକ୍ତି ପ୍ରତି ବଢୁଥିବା ବିଶ୍ୱସନୀୟତାକୁ ପ୍ରତିଫଳିତ କରୁଛି। ଆମେ ଅଧିକରୁ ଅଧିକ ପରିବାରକୁ ସୌର ଶକ୍ତି ବ୍ୟବହାର କରିବାକୁ ସକ୍ଷମ କରିବା ଏବଂ ଓଡିଶାର ସ୍ଥାୟୀ ତଥା ଶକ୍ତି-ସୁରକ୍ଷିତ ଭବିଷ୍ୟତ ପାଇଁ ଯୋଗଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଛାତ ଉପରେ ସୌର ପ୍ୟାନେଲ ସ୍ଥାପନର ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ, ଟିପିଏସ୍ଓଡିଏଲ୍ ଏହାର ସେବା ଯୋଗାଉଥିବା ଅଞ୍ଚଳରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ଅଂଶୀଦାରଙ୍କ ଯୋଗଦାନ ଆଦି କାର୍ଯ୍ୟକଳାପ ଜାରି ରଖିଛି। ଯାହା ଅଧିକରୁ ଅଧିକ ପରିବାରକୁ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ସୌର ଶକ୍ତି ଏବଂ ସରକାରୀ ସବସିଡିର ଲାଭ ପାଇବାକୁ ସକ୍ଷମ କରିଥାଏ।

# ଦିଗପହଣ୍ଡିରେ ବିକାଶର ଧାରା ଓଡ଼ିଶା ସାରା



**ଦିଗପହଣ୍ଡି,୨୦।୬(ସମିସ):** ଦିଗପହଣ୍ଡି କୃଷି ବିଭାଗ ପକ୍ଷରୁ ଶନିବାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ କୃଷକ ସମ୍ବାଦର କ୍ଷେତ ବଚାଓ ଅଭିଯାନ ସମ୍ପର୍କିତ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ସଚେତନତା କର୍ମଶାଳା ହୋଇଯାଇଛି। ବ୍ଲକ କୃଷି ଅଧିକାରୀ କଲ୍ୟାଣୀ ରାଉତଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳା ରେ ଦିଗପହଣ୍ଡି ବ୍ଲକ ଭାଜପା କୃଷକ ମୋର୍ଚ୍ଚାର ସଂଯୋଜକ ରଘୁନାଥ ସାମନ୍ତରା ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେହି ସବୁ ଯୋଜନାରୁ ଚାଷୀ ବୃନ୍ଦ ସୁବିଧା ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ଶିବାନୀ ପାଢ଼ୀ, ସହକାରୀ ମତ୍ସ୍ୟ ଅଧିକାରୀ ଜୟଦେବ ମହାରଣା, ବ୍ଲକ ପ୍ରକଳ୍ପ ଅଧିକାରୀ ସଂଗୀତା ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ପ୍ରଭାତ ପାତ୍ର, ବିପିସି ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଚାଷୀ ମାନଙ୍କୁ ସରକାରଙ୍କ ବିବିଧ କୃଷି ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଦିଗପହଣ୍ଡି କୃଷି କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ବେଳେ ବିଭିନ୍ନ ପଞ୍ଚାୟତ ଅଧିନ ଗ୍ରାମର ବହୁ ସଂଖ୍ୟକ ଚାଷୀ ସଭାରେ ଉପସ୍ଥିତ ଥିଲେ।

## ସୁଜେଲିରେ ୫ ଦିନ ହେଲା ଲୋ ଭୋଲ୍‌ଟେଜ ସମସ୍ୟା



ଜି.ଉଦୟଗିରି,୨୦। ୬(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ର ସୁଜେଲି ଗ୍ରାମରେ ଗତ ୫ ଦିନ ଧରି ଲୋ-ଭୋଲ୍‌ଟେଜ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଗ୍ରାମରେ ୧୦୦ ରୁ ଊର୍ଦ୍ଧ ପରିବାର ବସବାସ କରୁଥିବା ବେଳେ ବିଦ୍ୟୁତ ଜନିତ ସମସ୍ୟା ଯୋଗୁଁ ପ୍ରଭାବିତ ହୋଇ ଜନ ଜୀବନ ଅସ୍ତବ୍ୟସ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି ଓ ସୁଜେଲି ଗ୍ରାମବାସୀଙ୍କ ସୂଚନା ପ୍ରକାରେ ବିଦ୍ୟୁତ ଭୋଲଟେଜ ଏତେ କମ ରହୁଛି ଯେ ଘରୋଇ ବିଦ୍ୟୁତ ଉପକରଣ ସଠିକ୍ ଭାବେ କାର୍ଯ୍ୟ କରୁନାହିଁ। ପଙ୍ଖା ବୁଲୁନାହିଁ, ପାଣିପମ୍ପ ଚାଲୁ ନଥିବା ବେଳେ ଦୈନନ୍ଦିନ ଜୀବନ ଉପରେ ବାଧାପ୍ରାପ୍ତ ହେଉଛି। ପ୍ରବଳ ଗ୍ରୀଷ୍ମ ଯୋଗୁଁ ବିଦ୍ୟୁତ ସମସ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି। ସୁଜେଲି ବାସିନ୍ଦା ଉକ୍ତ ସମସ୍ୟା ନେଇ ବାରମ୍ବାର ବିଦ୍ୟୁତ ବିଭାଗର ଗ୍ରାହକ ସେବା କେନ୍ଦ୍ରକୁ ଫୋନ କରି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆ ଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି ଓ ସୁଜେଲି ବାସୀଙ୍କ କହିବା ପ୍ରକାରେ ବର୍ତ୍ତମାନ ଥିବା ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପ ପଡୁଥିବାରୁ ବାରମ୍ବାର ଲୋ- ଭୋଲଟେଜ୍ ସମସ୍ୟା ଦେଖାଦେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମରେ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି କରିଛନ୍ତି। ଯଦି ବିଦ୍ୟୁତ ବିଭାଗ ତୁରନ୍ତ ଏହି ସମସ୍ୟାର ସମାଧାନ ନ କରେ, ତେବେ ଆଗାମୀ ଦିନରେ ସୁଜେଲି ବାସୀଙ୍କ ଦ୍ୱାରା ଏକ ଗଣ- ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ସ୍ୱାବଲମ୍ବୀ ଯୁବା-ସମୃଦ୍ଧ ଓଡ଼ିଶା ସମାବେଶ ସଚେତନା



କାଶୀନଗର, ୨୦।୬ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକରେ ଚାଲିଥିବା ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆୟୋଜିତ ତୃତୀୟ ଦିନରେ ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ସହ ଏକ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟବ୍ୟାପୀ ଜନ ସମ୍ପର୍କ କାର୍ଯ୍ୟକ୍ରମ 'ସ୍ୱାବଲମ୍ବୀ ଯୁବା-ସମୃଦ୍ଧ ଓଡ଼ିଶା ସମାବେଶ' କାଶୀନଗର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ଓ ବୈଷୟିକ ଶିକ୍ଷାଙ୍କ ଦ୍ୱାରା କାଶୀନଗର ବ୍ଲକ ସଭାଗୃହରେ ଆୟୋଜିତ ଏହି ସମାବେଶରେ ପାରଳା ବିଧାୟକ ଶ୍ରୀ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସାଂସଦ ପ୍ରତିନିଧି ଆର. ସତିଶ କୁମାର, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ବିଡିଓ ଡମ୍ବୁରଧର ମଲ୍ଲିକ, ଜିପିଇଓ ଲକ୍ଷ୍ମୀଧର ସାହୁ, ଡି.ଆର.ପି କାହ୍ନୁ ଚରଣ ସେଠୀ ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଯୁବ ସମାଜର ଭୂମିକା ଓ ରାଜ୍ୟର ବିକାଶରେ ସେମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କାଶୀନଗର ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଜନପ୍ରତିନିଧି ଓ ବ୍ଲକ କର୍ମଚାରୀମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ବିପିଏମ ଜଗନ ବାରିକ, ବିପିସି ଲାବଣ୍ୟ ରଇତ, ବିପିଏ ଜେନିତା ଗୋମାଙ୍ଗ, ସମସ୍ତ ପଞ୍ଚାୟତ ଏମବିକେ, ସିଆରପି, କୃଷି ଓ ପ୍ରାଣୀ ମିତ୍ର କର୍ମଚାରୀ ସହଯୋଗ କରିଥିଲେ।

## ଭତ୍ତା ପାଇଁ ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ଗୁହାରି



ଗୁମ୍ମା,୨୦।୬(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭାରେ ଯୋଗ ଦେବା ପାଇଁ ବିଧାୟକ ରୂପେଶ ପାଣିଗ୍ରାହୀ ଗୁମ୍ମା ଗସ୍ତ କରିଥିଲେ। ଏହି ସମୟରେ କିଛି ବୃଦ୍ଧ ବୃଦ୍ଧା ଗତ କିଛି ମାସ ଧରି ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ବିକଳାଙ୍ଗ ଭତ୍ତା ପାଇ ନଥିବାରୁ ଅନେକ ଦିନ ଧରି ଅସୁବିଧାର ସମ୍ମୁଖୀନ ହେଉଥିବା ହେତୁ ଠିକ୍ ଭାବରେ ଭତ୍ତା ପାଇବା ପାଇଁ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ। ବିଧାୟକ ଗୁହାରୀ ଶୁଣି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହିତ ତୁରନ୍ତ ଏ ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏପରି ସମସ୍ୟା ରାଜ୍ୟ ସାରା ଦେଖା ଦେଇଛି କିନ୍ତୁ ସରକାର ଉତ୍ସବରେ ବ୍ୟସ୍ତ ରହିବା ଦୁର୍ଭାଗ୍ୟର ବିଶେଷ ବୋଲି ବିଧାୟକ ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ଗୁମ୍ମା ବ୍ଲକ ସବୁଠାରୁ ପଛୁଆ ଓ ଆଦିବାସୀ ଲୋକେ ବସବାସ କରୁଥିବା ବେଳେ ଏହି ସମସ୍ୟା ବର୍ତ୍ତମାନ ଲୋକେ ପେନସନ ମିଳିଲେ ଔଷଧ ଓ ଅଲଗା ଖର୍ଚ୍ଚ କରିବା ସହିତ ଭତ୍ତା ନମିଳିବାରୁ ଲୋକେ ଔଷଧ କଥା ଛାଡନ୍ତୁ ଚାହା ଟିକେ ପିଇବା ପାଇଁ ସକ୍ଷମ ହେଉନାହାନ୍ତି ଅଭିଯୋଗ କରିଛନ୍ତି। ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ପୂର୍ବ ସରକାର ବିକାଶ କରିଥିଲେ ବର୍ତ୍ତମାନର ସରକାରର ବିକାଶ ଧାରା ତଳକୁ ଖସି ଯାଇଥିବା ବେଳେ ଉତ୍ସବ ଅପେକ୍ଷା ସାଧାରଣ ଲୋକଙ୍କୁ ଉତ୍ତମ ସେବା ପାଇଁ ଦାବି କରିଛନ୍ତି ବିଧାୟକ ପାଣିଗ୍ରାହୀ।

# ଟଙ୍କା, ସୁନା ଠକେଇ ଘଟଣାରେ ମହିଳା ଗିରଫ

ପାରଳାଖେମୁଣ୍ଡି,୨୦।୬ (ସମିସ):

ବହୁ ଚର୍ଚ୍ଚିତ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ମହିଳା ମାନଙ୍କୁ ପ୍ରଲୋଭିତ କରାଇ ଟଙ୍କା ଓ ସୁନା ଠକି ନେଇ ଥିବା ଅଭିଯୋଗରେ ଝିଲି ସାହୁ ପୁଲିସ ହାତରେ ଧରାପଡିଛନ୍ତି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଏକ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଦୀର୍ଘ ଏକ ବର୍ଷ ତିନି ମାସ ହେଲା ପୋଲିସକୁ ଚକମା ଦେଇ ଲୁଚି ବୁଲୁଥିବା ଅଭିଯୁକ୍ତ ମହିଳା ଝିଲି ସାହୁ ଆଜି ପାରଳାଖେମୁଣ୍ଡି ପୁଲିସ ହାତରେ ଧରାପଡିଛି। ଅଭିଯୁକ୍ତ ଜଣକ ହେଲେ ପାରଳାଖେମୁଣ୍ଡି ସହରର ଦୋଳ ବନ୍ଧ ରୋଡ ସ୍ଥିତ ଭିକ୍ଟୋରୀ କୋଲନିର ଝିଲି ସାହୁ ବୋଲି ଜଣାପଡିଛି। ଅଭିଯୁକ୍ତ ଜଣକ ଲୋକଙ୍କୁ ବିଭିନ୍ନ ବ୍ୟାଙ୍କରୁ ଋଣ କରାଇ ଋଣରୁ ମିଳିଥିବା ଟଙ୍କାକୁ ନେଇ ଉଚ୍ଚ ସୁଧ ଦେବା ପ୍ରତିଶୃତି ଦେଇ ଲୋକଙ୍କ ଠାରୁ ଏକ କୋଟି ୧ କୋଟି ୩୮ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଏହା ସହିତ ଅନେକ ମହିଳାମାନଙ୍କ ଠାରୁ ପାଖାପାଖି ୫୦୦ ଗ୍ରାମ ସୁନା ନେଇ ବନ୍ଧକ ରଖି ସୁଧ ଦେବା ପ୍ରଲୋଭନ ଦେଖାଇ ଠକି ନେଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଅଭିଯୁକ୍ତ ମହିଳାଙ୍କ ବ୍ୟାଙ୍କ ଟ୍ରାଞ୍ଜେକ୍ସନ ବେଳେ ପୋଲିସକୁ ଗତ ୨୦୨୩ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ପାଖାପାଖି ୪୦ ଲକ୍ଷ ଟଙ୍କା କାରବାର ହୋଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଏଭଳିକି ଅଭିଯୁକ୍ତ ଜଣକ ନିଜ ସ୍ୱାମୀ ଏବଂ ପୁଅ ଝିଅଙ୍କ ଆକାଉଣ୍ଟରେ ମଧ୍ୟ ଅର୍ଥ କାରବାର କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଝିଲିଙ୍କ ସ୍ୱାମୀ ଉଦୟ ନାଥ ସାହୁଙ୍କ ଆକାଉଣ୍ଟରେ ୧୨ ଲକ୍ଷ ଟଙ୍କା ଏବଂ ପୁଅ ଓ ଝିଅ ର ଆକାଉଣ୍ଟରେ ବାର୍ଷିକ ୧୦ ଲକ୍ଷ ଟଙ୍କା କାରବାର ହୋଇଥିବା ପୋଲିସ ତଦନ୍ତରୁ ଜଣାପଡିଛି । ତେବେ ଝିଲି ସାହୁ ପାରଳାଖେମୁଣ୍ଡି ମୁତ୍ତୁଥ୍ ଫାଇନେନ୍ସରେ ୨୨ ଗୋଟି ଆକାଉଣ୍ଟ ଖୋଲି ୫୦୦ ଗ୍ରାମ ସୁନା ବିଭିନ୍ନ ମହିଳାଙ୍କ ନାମରେ ବନ୍ଧକ ରଖିଥିବା ପୁଲିସ ତଦନ୍ତ ବେଳେ ଜାଣିପାରିଥିଲା।



ଏହା ସହ ଇଣ୍ଡିଆନ ବ୍ୟାଙ୍କରେ ଝିଲି ସାହୁଙ୍କ ନାମରେ ଗୋଟିଏ ଲକର ରହିଛି ସେଥିରେ ମଧ୍ୟ କିଛି ସୁନା ରହିଥିବା ପୋଲିସ ସୂଚନା ଦେଇଛି। ତେବେ ଘଟଣାଟି ୨୦୨୫ ମାର୍ଚ୍ଚ ମାସରେ ସନ୍ତୋଷିନୀ ପ୍ରଧାନ ଏବଂ ଅନ୍ୟ ୨୫ ଜଣ ମହିଳାଙ୍କ ଅଭିଯୋଗ କ୍ରମେ ୬୫/୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡି, ପଡୋଶୀ ଜିଲ୍ଲା ରାୟଗଡା ଏବଂ ଆନ୍ଧ୍ର ପ୍ରଦେଶର କିଛି ଲୋକଙ୍କ ଅଭିଯୋଗ କ୍ରମେ ଝିଲି ସାହୁଙ୍କ ନାମରେ ମୋଟ ୩ ଗୋଟି ମାମଲା ପୃଥକ ପୃଥକ ଭାବେ ରୁଜୁ ହୋଇଥିଲା। ଦୀର୍ଘ ଦିନ ଧରି ଝିଲି ସାହୁ ପୋଲିସକୁ ଚକମା ଦେଇ ବୁଲୁଥିଲା। ଶେଷରେ ଆଜି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ହାତରେ ଧରା ପଡିଛି। ତଦନ୍ତ ସମୟରେ ଆର୍ଥିକ ଯାଞ୍ଚ କରାଯାଇ

**କୋଟିଏ ଟଙ୍କା, ଅଧକିଲେ ସୁନା ଠକେଇ**

୩ଟି ଦାମୀ ମୋବାଇଲ ଫୋନ, ୨ଟି ସ୍କୁଟର ଓ ମୋଟର ସାଇକେଲ ଚିହ୍ନଟ କରାଯାଇଛି। ଏହା ସହିତ ଅଭିଯୁକ୍ତା ଏବଂ ତାଙ୍କ ମାତାଙ୍କ ନାମରେ ଥିବା କିଛି ଅସ୍ଥାବର ସମ୍ପତ୍ତିର ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଛି ଏବଂ ସେଗୁଡ଼ିକର ଯାଞ୍ଚ ଚାଲିଛି। ଅଭିଯୁକ୍ତାଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନାର ଆଉ ଦୁଇଟି ସମାନ ପ୍ରକୃତିର ମାମଲା ରହିଥିବା ମଧ୍ୟ ଜଣାପଡ଼ିଛି। ଗିରଫ ଏଡ଼ାଇବା ପାଇଁ ସେ ଦୀର୍ଘଦିନ ଧରି ଫେରାର ରହିଥିଲେ ଏବଂ ବିଭିନ୍ନ ନ୍ୟାୟାଳୟରେ ଅଗ୍ରିମ ଜାମିନ ପାଇଁ ଆବେଦନ କରିଥିଲେ, କିନ୍ତୁ ତାଙ୍କ ଆବେଦନଗୁଡ଼ିକ ଖାରଜ ହୋଇଥିଲା। ଆଜି ଆଇନଗତ ପ୍ରକ୍ରିୟା ପାଳନ କରି ତାଙ୍କୁ ଗିରଫ କରାଯାଇ ନ୍ୟାୟାଳୟକୁ ଚାଲାଣ କରାଯାଇଛି। ମାମଲାରେ ଅର୍ଥର ଗତିପଥ, ସମ୍ପତ୍ତି ଏବଂ ଅନ୍ୟାନ୍ୟ ସହଯୋଗୀଙ୍କ ଭୂମିକା ସମ୍ପର୍କରେ ତଦନ୍ତ ଜାରି ରହିଛି । ଆଜି ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ତେବେ ଏହି ମାମଲାରେ ଅନେକ ଏତଲାକାରି ଅଛନ୍ତି ଏବଂ ତଦନ୍ତ ବେଳେ ଅନେକ ଆକାଉଣ୍ଟକୁ ଯାଞ୍ଚ କରାଯିବ। ତେଣୁ ଆବଶ୍ୟକ ସ୍ଥଳେ ଝିଲି ସାହୁଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ମାମଲା ଗୁଡିକରେ ସଂଶ୍ଳିଷ୍ଟ ଥିବା ଝିଲିଙ୍କ ଭଉଣି ମିତା ଟଙ୍କ (ମିଲି) ଏବଂ ଦୁର୍ଗା ପ୍ରସାଦ ପଣ୍ଡା ନାମକ ବ୍ୟକ୍ତିଙ୍କୁ ଅନ୍ୟ ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ୨୫୪/୨୫ରେ ୧୩.୦୯.୨୦୨୫ ତାରିଖରେ ପୁଲିସ ଗିରଫ କରିସାରିଥିବାର ସୂଚନା ରହିଛି ।

## ଯୁବ ମିଠା ବ୍ୟବସାୟୀଙ୍କ ସମସ୍ୟା ବୁଝିଲେ ବିଧାୟକ

ପାରଳାଖେମୁଣ୍ଡି, ୨୦।୬ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଭିନଲା ଗ୍ରାମ ଗସ୍ତରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯାଇଥିବା ବେଳେ ସେଠାରେ ରହୁଥିବା ମିଠା ବ୍ୟବସାୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବାର ଜଣାପଡିଛି। ସୂଚନା ପ୍ରକାରେ ଏହି ଗ୍ରାମରେ ବର୍ତ୍ତମାନ ମଧ୍ୟ ଯୁବକ ମାନେ ମିଠା ବ୍ୟବସାୟ କରି ନିଜ ପରିବାର ପଷୋଣ କରିଆନ୍ତି। ତେବେ ଆଧୁନିକତାର ଛାପରେ ଗ୍ରାମାଞ୍ଚଳରେ ତୟାର ହେଉଥିବା ମିଠାଦ୍ରବ୍ୟର ଦେଖା ମିଳୁନି। ହେଲେ ମଧ୍ୟ ଆଜି ବି ଗ୍ରାମାଞ୍ଚଳରେ ପ୍ରସ୍ତୁତ ହେଉଥିବା ମିଠାର ଚାହିଦା ରହିଛି। ବର୍ତ୍ତମାନ ଏହି ଗ୍ରାମରେ ଯୁବ ମିଠା କାରୀଗର ମାନେ ସେହି ପୁରୁଣା ଢାଞ୍ଚାରେ ମିଠା ପ୍ରସ୍ତୁତ କରୁଥିବା ବେଳେ ଆଧୁନିକ ଦୁନିଆର ମିଠା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏପରିକି ପାରଳାଖେମୁଣ୍ଡିର ପ୍ରସିଦ୍ଧ ରଥଯାତ୍ରାରେ ମଧ୍ୟ ଏହି ଗ୍ରାମର



ମିଠା କାରୀଗରଙ୍କ ଦ୍ୱାରା ପ୍ରସ୍ତୁ ହେଉଥିବା ବିଭିନ୍ନ ପ୍ରକାରର ମିଠା ବିକ୍ରି ହୋଇଥାଏ। ସେହି ଭଳି ବର୍ଷ ସାରା ମିଠା ତିଆରି କରି ବ୍ୟବସାୟୀ ଏହି ମିଠା ବ୍ୟବସାୟୀ ମାନେ ରାଜ୍ୟ ଓ ରାଜ୍ୟ ବାହାରକୁ ମଧ୍ୟ ମିଠା ପଠାଇ ବ୍ୟବସାୟ କରିଥାନ୍ତି। ହେଲେ ଏମାନଙ୍କ ବିଭିନ୍ନ ସମସ୍ୟା ରହିଛି। ମିଠା ବ୍ୟଞ୍ଜନ ପ୍ରସ୍ତୁତିରେ ଆବଶ୍ୟକୀୟ ହେଉଥିବା ସାମଗ୍ରୀଗୁଡିକର ଦରଦାମ ଅହେତୁକ ବୃଦ୍ଧି, ବାହାର ରାଜ୍ୟର ମିଠାକାରୀଗର ମାନେ ଏହି ଅଞ୍ଚଳରେ ବ୍ୟବସାୟ କରିବା ଆଦି ଯୋଗୁଁ ଏମାନଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି। ଯେଉଁଥି ପାଇଁ ଉଚିତ ପାରିଶ୍ରମିକ ମିଳିପାରୁ ନ ଥିବା ସହ ବିଭିନ୍ନ ସମସ୍ୟା ରହିଥିବାକୁ ନେଇ ଯୁବ ମିଠା ବ୍ୟବସାୟୀ ଜଗା ପ୍ରଧାନ, କାମେଶ୍ୱର ସ୍ୱାଇଁ, ନୀଳମାଧବ ପଣ୍ଡା, ମୋହନ ବାରିକ ପ୍ରମୁଖ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ତେବେ ଯେଉଁ ଯୁବ ବ୍ୟବସାୟୀମାନଙ୍କ ଆର୍ଥିକ ସମସ୍ୟା ରହିଛି ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କୁ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇ ଆର୍ଥିକ ସହାୟତା ଯୋଗାଇ ଦିଆଯିବବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ଭୀରରାଜୁ ଉପସ୍ଥିତ ଥିଲେ।

## ଜଳରାଶି ଶୁଖିଲା ପଡ଼ିଛି ଗଣ୍ଡାହାତୀ ଜଳପ୍ରପାତ

ପାରଳାଖେମୁଣ୍ଡି, ୨୦।୬ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଗଣ୍ଡାହାତୀରେ ପର୍ଯ୍ୟଟକଙ୍କ ଭିଡ ଜମୁଛି। ହେଲେ ଜଳରାଶି ସୁସ୍କ ପଡିଥିବାରୁ ନିରାଶ ହୋଇ ଫେରୁଥିବାର ଜଣାପଡିଛି। ପ୍ରାକୃତିକ ଶୋଭାରାଜିରେ ରହିଥିବା ଏହି ଜଳ ପ୍ରପାତ ଉଭୟ ଓଡିଶା ଓ ଆନ୍ଧ୍ରରେ ବେସ୍ ଖ୍ୟାତି ରହିଛି। ଏଠାକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହେଲେ ଗ୍ରୀଷ୍ମ ଋତୁରେ ଏହି ଜଳ ପ୍ରପାତ ସୁଷ୍କ ହୋଇପଡିଥାଏ। ତେବେ ବିଗତ ଜୁନ୍ ମାସର ପ୍ରଥମାର୍ଦ୍ଧରେ ଗଣ୍ଡାହାତୀ ଜଳପ୍ରପାତରେ ଜଳ ଭରି ରହିଥିଲା। ହେଲେ ଚଳିଥ ବର୍ଷ ଜୁନ ମାସ ଶେଷ ହେବାକୁ ଯାଉଥିଲେ ମଧ୍ୟ ଏହି ଜଳପ୍ରପାତରେ ଜଳରାଶିର ଦେଖା ମିଳୁନି। ଚଳିତ ବର୍ଷ ମଇ ମାସର ଶେଷ ସପ୍ତାହରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେଉଥିଲେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ହୋଇନଥିବାରୁ ଜଳରାଶି ବୃଦ୍ଧି ପାଉନି। ତେବେ ଏଠାକାର ପ୍ରାକୃତିକ ଶୋଭାରାଜିକୁ ଉପଭୋଗ କରିବାପାଇଁ ଆସୁଥିବା ପର୍ଯ୍ୟଟକ ମାନେ ନିରାଶ ହୋଇ ବଣଭୋଜି କରି ଫେରିଯାଉଥିବାର ଜଣାଇଛନ୍ତି।




## ଝୁଲନ୍ତା ମୃତଦେହ ଉଦ୍ଧାର

ଜି ଉଦୟଗିରି,୨୦।୬(ସମିସ): ଜି ଉଦୟଗିରି ଥାନା ଅନ୍ତର୍ଗତ ଶ୍ରୀକଳାସ୍ଥିତ ଫାର୍ମ ଭିତରୁ ଜି ଉଦୟଗିରି ପୋଲିସ ଝୁଲନ୍ତା ମୃତ ଦେହ ଉଦ୍ଧାର କରିଛି। ବିବରଣୀରୁ ପ୍ରକାଶ ଯେ ଦିନ ପ୍ରାୟ ୯ ଟା ସମୟରେ ନାନି ଘରକୁ ଯାଉଛି କହି ଘରୁ ବାହାରି ଆସି ଥିଲେ ମାଧବ ପ୍ରଧାନ (୨୬) ପରେ ଫାର୍ମରେ ଏକ ଅଶ୍ୱସ୍ତ ଗଛରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ଖବର ପାଇ ଜି ଉଦୟଗିରି ପୋଲିସ ଏ ଏସ ଆଇ ରବୀନ୍ଦ୍ର କୁମାର ସେଠି ଓଏଏସଆଇ ବର୍ଣ୍ଣି ଦଣ୍ଡିଆ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ମୃତକ ମାଧବଙ୍କ ଘର ରାଇକଳା ପଞ୍ଚାୟତସ୍ଥିତ କିଲାକିଆ ଗ୍ରାମର ବୋଲି ଜଣାପଡ଼ିଛି। ଏ ନେଇ ଅପମୃତ୍ୟୁ ମାମଲା ୬ରେ ମକଦମା ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତ ଅଧିକାରୀ ବର୍ଣ୍ଣି ଦଣ୍ଡିଆ ସୂଚନା ଦେଇଛନ୍ତି।

## ଜୈବବିବିଧତା ପରିଚାଳନା ସମିତି ସଭ୍ୟସଭ୍ୟାଙ୍କ ଦକ୍ଷତା ବୃଦ୍ଧି ତାଲିମ



ପାରଳାଖେମୁଣ୍ଡି, ୨୦।୬(ସମିସ): ଓଡ଼ିଶା ଜୈବ ବିବିଧତା ବୋର୍ଡ ଭୁବନେଶ୍ୱର ଓ ପାରଳାଖେମୁଣ୍ଡି ବନଖଣ୍ଡ ବିଭାଗର ମିଳିତ ଆନୁକୁଲ୍ୟରେ ଏବଂ ବ୍ରହ୍ମପୁରସ୍ଥ ଲିପିକା ସ୍ୱେଚ୍ଛେସେବୀ ଅନୁଷ୍ଠାନର ସହଯୋଗରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦମହକୁମା ନିକଟସ୍ଥ ସୂରିୟା ନଗର ଠାରେ ଥିବା ଏକ ଫଙ୍କସନ ହଲ ଠାରେ ଜୈବ ବିବିଧତା ପରିଚାଳନା ସମତି ସଭ୍ୟସଭ୍ୟାଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଜୈବ ବିବିଧତାକୁ ନେଇ ସଭ୍ୟ ସଭ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ଓଡିଶା ଜୈବ ବିବିଧତା ବୋର୍ଡର ବୈଜ୍ଞାନିକ ଡ. ପ୍ରସାଦ କୁମାରଦାସ, ଶିଶିର କୁମାର ମିଶ୍ରଙ୍କ ସମେତ ସମ୍ବଳସାଧନ ବ୍ୟକ୍ତି ଭାବେ ଡ. ଶିବ ପ୍ରସାଦ ପରିଡ଼ା, ଦେବଗିରି ରେଞ୍ଜର ବ୍ରହ୍ମାନନ୍ଦ ସାହୁ, ଗାରାବନ୍ଧ ସେକ୍ସନର ବନପାଳ ସନ୍ତୋଷ କୁମାର ପରିଛା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକର ୧୦ ଗୋଟି ପଞ୍ଚାୟତର ଜୈବ ବିବିଧତା ପରିଚାଳନା କମିଟିର ଶତାଧିକ ସଭ୍ୟ ସଭ୍ୟାମାନେ ଯୋଗଦେଇଥିଲେ। ଉପସ୍ଥିତ ସଭ୍ୟସଭ୍ୟାଙ୍କୁ ସମ୍ବଳସାଧନ ବ୍ୟକ୍ତି ଡ. ପରିଡା ଜୈବ ବିବିଧତା ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍ଭିଦ ସମ୍ପଦ, ଔଷଧୀୟ ଉଦ୍ଭିଦ, ଜୈବ ମଣ୍ଡଳରେ ରହିଥିବା ପ୍ରାଣି ପ୍ରଜାତି, ସଂକଟାପର୍ଣ୍ଣ ଅବସ୍ଥାରେ ଥିବା ଔଷଧୀୟ ଉଦ୍ଭିଦର ରକ୍ଷଣାବେକ୍ଷଣ ସହ ଜୈବ ବିବିଧତାର ସୁରକ୍ଷା, ଆବଶ୍ୟକତା, ଜୈବ ବିବିଧତାର ରକ୍ଷା, ଜଙ୍ଗଲଜାତ ଦ୍ରବ୍ୟର ସୁରକ୍ଷା ବା ନିୟନ୍ତ୍ରଣ କରିବା, ଗ୍ରାମାଞ୍ଚଳରେ ଥିବା ପଥର, ମୋରମ୍ ଆଦିର ଅବାଧ ଚାଲାଣକୁ ରୋକିବା, ବିଲୁପ୍ତ ହୋଇଯାଉଥିବା ହେଉଥିବା ବୃକ୍ଷଲତା, ପଶୁପକ୍ଷୀ ଗୁଡ଼ିକର କିପରି ରକ୍ଷା କରିପାରିବା ସେନେଇ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ଶୁକ୍ରବାର ଦିନ ମହେନ୍ଦ୍ରଗିରିରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ ଉଦ୍ଘାଟନ ହୋଇଥିବା ବେଳେ ଏପରି ବିଏମସିମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ଅବାଧ ବିଦେଶୀ ମଦ ବିକ୍ରି ଉପରେ ପୁଲିସ ଚଢ଼ଉ



ପାରଳାଖେମୁଣ୍ଡି, ୨୦।୬ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ପୁଲିସ ପକ୍ଷରୁ ଅବାଧ ବିଦେଶୀ ମଦ ବିକ୍ରୀ ଉପରେ ଚଢାଉ କରାଯାଇଛି। ଗୁରାଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଷାଣି ଗ୍ରାମ ଛକରେ ଥିବା ଦୁଇଟି ଅବାଧ ବିଦେଶୀ ମଦ ବିକ୍ରି କେନ୍ଦ୍ର ଉପରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ବହୁ ପରିମାଣର ବିଦେଶୀ ମଦ, ବିୟର ଜବତ କରାଯାଇଥିବା ବେଳେ ବିକ୍ରି କରୁଥିବା ବ୍ୟକ୍ତିବିଶେଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏପରି ଚଢାଉ ଆଗାମୀ ଦିନରେ ମଧ୍ୟ ଜାରୀ ରହିବ ବୋଲି ଗୁରାଣ୍ଡି ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ଅଧାପନ୍ତରିଆ ନିମ୍ନମାନର ରାସ୍ତା; ନାହିଁ ନଥିବା ଦୁର୍ଦ୍ଦଶା

ବାଲିଗୁଡ଼ା,୨୦।୬(ସମିସ):





ରାସ୍ତା ନିର୍ମାଣ ଅବଧି ସରିବା ପରେ ମଧ ରାସ୍ତା ନିର୍ମାଣ କାର୍ଯ୍ୟ ସରୁ ନଥିବା ବେଳେ ନିମ୍ନ ମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସି। ହେଲେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ କିଭଳି କାର୍ଯ୍ୟ ତଦାରଖ କରୁନାହାନ୍ତି ଏବଂ ନୀରବ ଦ୍ରଷ୍ଟା ସାଜି ରହିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ବହୁ ଦିନ ପରେ ବାଲିଗୁଡା ବ୍ଲକ ଅନ୍ତର୍ଗତ ବାରଖମା ଠାରୁ ମିଡ଼ିଆକିଆ ଦେଇ ଜକିକିଆ ରାସ୍ତା ସଂଯୋଗ ହେଉଛି। ସେଇ ରାସ୍ତା ତିନୋଟି ପଞ୍ଚାୟତ ବାରଖମା, ରେବିଙ୍ଗିଆ ଓ ମିଡିଆକିଆକୁ ସଂଯୋଗ ନିମନ୍ତେ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ କାମ ଅଧାପନ୍ତରିଆ ଯୋଗୁଁ ତିନି ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମ ଅଧାପନ୍ତରିଆ ସହ ଦୁଲୁକିଆ ଗ୍ରାମ ନିକଟରେ ଏକ ନବନିର୍ମିତ ପୋଲ ବିପଦସଂକୁଳ ଅବସ୍ଥାରେ ରହିଛି। ପୋଲ ଉଭୟ ପାର୍ଶ୍ୱର ମାଟି ଧସିବା ସହ ସୁରକ୍ଷା ପାଚେରି ଦବିଯିବା ଅବସ୍ଥାରେ ଓ ପୋଲ ଛାତ ମଧ ଫାଟିବା ଆରମ୍ଭ ହେଲାଣି। ସାମାନ୍ୟ ବର୍ଷାରେ ମାଟି ଧୋଇ ଖାଲ ହୋଇ ପାଣି ଜମି ରହିଛି। ବିଭିନ୍ନ କାମରେ ପ୍ରତିଦିନ ବାଲିଗୁଡ଼ାକୁ ଆସୁଥିବା ଜନସାଧାରଣ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି ଯେ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ଚିଠି କରାଯାଇଛି। ଠିକାଦାର ଜଣଙ୍କ କାମ ଶେଷ କରୁନାହାନ୍ତି । ତେଣୁ କାମରେ ପୁଣି ଟେଣ୍ଡର ହେବ ବୋଲି କହିଛନ୍ତି। ତେବେ କାହା ଭୁଲ ଯୋଗୁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

## ଦାରିଙ୍ଗବାଡ଼ି ବ୍ଲକ୍‌ରେ 'ବିକାଶ ପଥେ ଓଡ଼ିଶା'

ଦାରିଙ୍ଗବାଡ଼ି, ୨୦।୬(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ବ୍ଲକ ପ୍ରାଙ୍ଗଣରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ପ୍ରଚାର ଓ ପ୍ରସାର ନିମନ୍ତେ 'ବିକାଶ ପଥେ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ସରକାରୀ ପଦାଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡ଼ି ତହସିଲଦାର



ଧିରଜ ପାତ୍ର, ସିଡ଼ିପିଓ ସନ୍ଧ୍ୟାରାଣୀ ପଣ୍ଡା, ସାଂସଦଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ବିଷ୍ଣୁଚରଣ ପ୍ରଧାନ, ବିଧାୟକଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ପ୍ରମୋଦ ଦିଗାଲ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ମିଟୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ତହସିଲଦାର ଧିରଜ ପାତ୍ର, ସିଡ଼ିପିଓ ସନ୍ଧ୍ୟାରାଣୀ ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ଏବଂ ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗର ବିକାଶମୂଳକ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପିଣ୍ଟୁ ନାୟକ ଅତି ସୁନ୍ଦର ଭାବେ ସଂଯୋଜନା ଓ ପରିଚାଳନା କରିଥିଲେ। ବୈଠକରେ ଉପସ୍ଥିତ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା, ଏବଂ କୃଷି କ୍ଷେତ୍ରରେ ଚାଲିଥିବା ରୂପାନ୍ତରଣ ଉପରେ ଆଲୋଚନା କରିଥିଲେ। ଦାରିଙ୍ଗବାଡ଼ି ବ୍ଲକର ପ୍ରତିଟି ଗାଁ ଏବଂ ପ୍ରତିଟି ପରିବାର ପାଖରେ କିଭଳି ସରକାରୀ ସୁବିଧା ସଠିକ୍ ସମୟରେ ପହଞ୍ଚିପାରିବ, ସେ ନେଇ ପ୍ରଶାସନିକ ସ୍ତରରେ ସଚେତନତା କରାଯାଉଛି ବୋଲି ବିଡ଼ିଓ ଶ୍ରୀ ରଥ କହିଛନ୍ତି।

